# REGIONAL NEWS UNIT, AIR CUTTACK

## Evening Bulletin (6.45 PM)

### 22 September - 2024

### News Editor : Itishree Singh Rathaur

***********************************

## ମୁଖ୍ୟ ସମ୍ବାଦ

- କେନ୍ଦୁଝରରେ ୯୮୭ କୋଟିରୁ ଊର୍ଦ୍ଧ୍ୱ ଟଙ୍କା ବ୍ୟୟରେ ବିଭିନ୍ନ ପ୍ରକଳ୍ପର ଉଦ୍‌ଘାଟନ ଓ ଲୋକାର୍ପଣ କଲେ ମୁଖ୍ୟମନ୍ତ୍ରୀ; କହିଲେ, ଖୁବ୍ ଶୀଘ୍ର ରାଜ୍ୟରେ ଲାଗୁ ହେବ ଆୟୁଷ୍ମାନ ଭାରତ ଯୋଜନା
- ପ୍ରତି ବ୍ଲକ୍‌ରେ କୃଷି ସମୃଦ୍ଧି କେନ୍ଦ୍ର ନିର୍ମାଣ ହେବା ନେଇ ସୂଚନା ଦେଲେ ମତ୍ସ୍ୟ ଓ ପ୍ରାଣୀ ସମ୍ପଦ ବିକାଶ ମନ୍ତ୍ରୀ
- ଏଏସ୍‌ଆଇ ପକ୍ଷରୁ ପୁରୀ ଶ୍ରୀମନ୍ଦିର ରତ୍ନଭଣ୍ଡାରର ବୈଷୟିକ ସର୍ବେକ୍ଷଣ କାର୍ଯ୍ୟ ଶେଷ

— ଚୂଡାନ୍ତ ରିପୋର୍ଟ ଆସିବା ପରେ ପରବର୍ତ୍ତୀ ପଦକ୍ଷେପ ନିଆଯିବ କହିଲେ, ଶ୍ରୀମନ୍ଦିର ମୁଖ୍ୟ ପ୍ରଶାସକ

ଏବଂ

- ଘୂର୍ଣ୍ଣିବଳୟ ପ୍ରଭାବରେ ଘଡଘଡ଼ି ସହ ବର୍ଷା ହେବା ନେଇ ରାଜ୍ୟର ୧୭ଟି ଜିଲ୍ଲାକୁ ସତର୍କ ସୂଚନା

## ମୁଖ୍ୟମନ୍ତ୍ରୀ ଉଦ୍‌ଘାଟନ

ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ ଆଜି କେନ୍ଦୁଝର ଜିଲ୍ଲାର ଧରଣୀଧର ବିଶ୍ୱବିଦ୍ୟାଳୟ ପରିସରରେ ଆୟୋଜିତ କାର୍ଯ୍ୟକ୍ରମରେ ୯୮୭ କୋଟି ୩୫ ଲକ୍ଷ ଟଙ୍କା ବ୍ୟୟରେ ମୋଟ୍ ୧୫୮ଟି ପ୍ରକଳ୍ପର ଉଦ୍‌ଘାଟନ ଓ ଲୋକାର୍ପଣ କରିଛନ୍ତି। ରାଜ୍ୟରେ ତାଙ୍କ ନେତୃତ୍ୱରେ ନୂଆ ସରକାରଙ୍କ ୧୦୦ ଦିନ ପୂରଣ ଅବସରରେ ମୁଖ୍ୟମନ୍ତ୍ରୀ ଜିଲ୍ଲାରେ ଧରଣୀଧର ବିଶ୍ୱବିଦ୍ୟାଳୟର ଶୈକ୍ଷିକ କୋଠା, ସାହାରପୁରଠାରେ ଓଡ଼ିଶା ଆଦର୍ଶ ବିଦ୍ୟାଳୟର ଛାତ୍ରାବାସର ଉଦ୍‌ଘାଟନ କରିଛନ୍ତି। ଏହାସହ ସଡକ, ସେତୁ, ଜଳସେଚନ, କୃଷି ଆଦିର ଉନ୍ନତି ପାଇଁ ବିଭିନ୍ନ ପ୍ରକଳ୍ପର ଶିଳାନ୍ୟାସ କରିଛନ୍ତି। ଏହି ଅବସରରେ ମୁଖ୍ୟମନ୍ତ୍ରୀ କହିଛନ୍ତି, ରାଜ୍ୟରେ ଖୁବ୍ ଶୀଘ୍ର ପ୍ରଧାନମନ୍ତ୍ରୀ ଜନ ଆରୋଗ୍ୟ ଯୋଜନା ବା ଆୟୁଷ୍ମାନ ଭାରତ ଯୋଜନା ଲାଗୁ କରାଯିବ। ଏହାସହ ୍ ଶୀଘ୍ର ଧରଣୀଧର ମେଡିକାଲ କଲେଜ୍ ଏବଂ ହସ୍‌ପିଟାଲ୍ କାର୍ଯ୍ୟ ଶେଷ ହେବା ସହ ଟ୍ରମା କେୟାର ସେଣ୍ଟର ନିର୍ମାଣ ହେବ।

ମୁଖ୍ୟମନ୍ତ୍ରୀ କହିଛନ୍ତି, ରାଜ୍ୟରେ ଶିକ୍ଷାର ବିକାଶ ପାଇଁ ବିଭିନ୍ନ ପଦକ୍ଷେପ ନିଆଯାଉଛି। ଏହି କ୍ରମରେ ରାଜ୍ୟର ପ୍ରତ୍ୟେକ ସ୍ଥାନରେ ଗୋଦାବରୀଶ ମିଶ୍ର ପ୍ରାଥମିକ ଆଦର୍ଶ ବିଦ୍ୟାଳୟ ଗଠନ କରାଯିବ।

ସେହିଭଳି ନୂଆ ସରକାର ଗଠନ ହେବା ପରେ ବିଭିନ୍ନ ଗୁରୁତ୍ୱପୂର୍ଣ୍ଣ ନିଷ୍ପତ୍ତି ନେଇଛନ୍ତି। ଓଡ଼ିଆ ଅସ୍ମିତା ପାଇଁ ୨୦୦ କୋଟି ଟଙ୍କାର କର୍ପସ ପାଣ୍ଠି

ଦିଆଯାଇଛି ବୋଲି ମୁଖ୍ୟମନ୍ତ୍ରୀ କହିଛନ୍ତି। ଏହି ଅବସରରେ ମୁଖ୍ୟମନ୍ତ୍ରୀ ଜିଲ୍ଲାସ୍ତରୀୟ ବିକାଶମେଳାକୁ ମଧ୍ୟ ଉଦ୍‌ଘାଟନ କରିଛନ୍ତି।

ସୂଚନା ଅନୁସାରେ, ୩ ଦିନିଆ କେନ୍ଦୁଝର ଗସ୍ତ ଶେଷ କରି ମୁଖ୍ୟମନ୍ତ୍ରୀ ଭୁବନେଶ୍ୱର ପ୍ରତ୍ୟାବର୍ତ୍ତନ କରିଥିବା ଜଣାପଡିଛି।

## ମୁଖ୍ୟମନ୍ତ୍ରୀ - ଜନଶୁଣାଣି

ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ ଆସନ୍ତାକାଲି ଭୁବନେଶ୍ୱର ୟୁନିଟ୍ ୫ ସ୍ଥିତ ସରକାରୀ ବାସଭବନରେ ଜନସାଧାରଣଙ୍କ ବିଭିନ୍ନ ଅଭିଯୋଗର ଶୁଣାଣି କରିବେ । ଏନେଇ ଭୁବନେଶ୍ୱର ୱାଟ୍‌କୋ କାର୍ଯ୍ୟାଳୟ ସମ୍ମିଳନୀ କକ୍ଷରେ ସାଧାରଣ ପ୍ରଶାସନ ଓ ସାଧାରଣ ଅଭିଯୋଗ ବିଭାଗର ଅଧିକାରୀମାନଙ୍କ ଏକ ସମନ୍ୱୟ ବୈଠକ ଅନୁଷ୍ଠିତ ହୋଇଛି । ବୈଠକରେ ଶୃଙ୍ଖଳିତ ଭାବେ ଜନଶୁଣାଣି ନେଇ ଆଲୋଚନା ହୋଇଥିଲା । ସୂଚନା ଅନୁସାରେ, ଏଥିପାଇଁ ଅନ୍‌ଲାଇନ୍ ମାଧ୍ୟମରେ ଆଗୁଆ ପଞ୍ଜୀକରଣ ବ୍ୟବସ୍ଥା କରାଯାଇଛି । ଆସନ୍ତାକାଲି ମୁଖ୍ୟମନ୍ତ୍ରୀ ସର୍ବାଧିକ ହଜାରେ ଜଣଙ୍କର ଅଭିଯୋଗର ଶୁଣାଣି କରିବେ ବୋଲି ଜଣାପଡିଛି।

## ବିକାଶମେଳା-କେନ୍ଦ୍ରାପଡ଼ା

ଉପମୁଖ୍ୟମନ୍ତ୍ରୀ ପ୍ରଭାତୀ ପରିଡା ଆଜି କେନ୍ଦ୍ରାପଡା ସ୍ୱୟଂଶାସିତ ମହାବିଦ୍ୟାଳୟଠାରେ 'ପ୍ରଗତିର ନୂତନ ସୂର୍ଯ୍ୟୋଦୟ, ୨୦୩୬ ସୁଦ୍ଧା ହେବ ବିକଶିତ ଓଡ଼ିଶାର ଅଭ୍ୟୁଦୟ' ଶୀର୍ଷକ ଜିଲ୍ଲାସ୍ତରୀୟ ବିକାଶମେଳା ଓ ସାଂସ୍କୃତିକ ମହୋତ୍ସବକୁ ଲୋକାର୍ପିତ କରିଛନ୍ତି। ବିକଶିତ ଓଡ଼ିଶାର ପୂର୍ଣ୍ଣାଙ୍ଗ ବିକାଶ ସହ କେନ୍ଦ୍ରାପଡା ଜିଲ୍ଲାର ଉନ୍ନତିରେ ସରକାରଙ୍କ ପ୍ରଗତି ରଥର

ସହଯାତ୍ରୀ ହେବା ପାଇଁ ଉପମୁଖ୍ୟମନ୍ତ୍ରୀ ଜନସାଧାରଣଙ୍କୁ ଆହ୍ୱାନ ଦେଇଛନ୍ତି। ଏହି ଅବସରରେ ଶ୍ରୀମତୀ ପରିଡା ସୁଭଦ୍ରା ଯୋଜନାର ହିତାଧିକାରୀଙ୍କୁ ସହାୟତା ଅର୍ଥ ପ୍ରଦାନ କରିଥିଲେ।

## ବିକାଶମେଳା-ବରଗଡ଼

**ବରଗଡ଼** ଜିଲ୍ଲାରେ ସୂଚନା, ଶିକ୍ଷା, ସଂଚାର କାର୍ଯ୍ୟକ୍ରମ ବିକାଶ ମେଳାକୁ ରାଜ୍ୟ ଆଇନ୍ ମନ୍ତ୍ରୀ ପୃଥ୍ୱୀରାଜ ହରିଚନ୍ଦନ ଉଦ୍‌ଘାଟନ କରିଛନ୍ତି। ଓଡ଼ିଶାବାସୀଙ୍କ ସର୍ବାଙ୍ଗୀନ ଉନ୍ନତି ପାଇଁ ସରକାର ବିଭିନ୍ନ ପଦକ୍ଷେପ ନେଉଛନ୍ତି ବୋଲି ଏହି ଅବସରରେ ଶ୍ରୀ ହରିଚନ୍ଦନ କହିଛନ୍ତି।

## ନୂତନ ସୂର୍ଯ୍ୟୋଦୟ କାର୍ଯ୍ୟକ୍ରମ

**କନ୍ଧମାଳ** ଜିଲ୍ଲା ଫୁଲବାଣୀସ୍ଥିତ କରୋନେସନ ପଡିଆରେ ଆୟୋଜିତ ପ୍ରଗତିର ନୂତନ ସୂର୍ଯ୍ୟୋଦୟ କାର୍ଯ୍ୟକ୍ରମ ଓ ବିକାଶ ମେଳାକୁ ମତ୍ସ୍ୟ ଓ ପ୍ରାଣୀସମ୍ପଦ ବିକାଶ ମନ୍ତ୍ରୀ ଗୋକୁଳାନନ୍ଦ ମଲ୍ଲିକ୍ ଉଦ୍‌ଘାଟନ କରିଛନ୍ତି। ଏହି ଅବସରରେ ସେ କହିଛନ୍ତି, କୃଷିର ବିକାଶକୁ ରାଜ୍ୟ ସରକାର ଗୁରୁତ୍ୱ ଦେଉଛନ୍ତି। ଏହି କ୍ରମରେ ପ୍ରତି ଉପଖଣ୍ଡରେ ଶୀତଳଭଣ୍ଡାର ଓ ପ୍ରତି ବ୍ଲକ୍‌ରେ କୃଷି ସମୃଦ୍ଧି କେନ୍ଦ୍ର ନିର୍ମାଣ ହେବ। ସେ କହିଛନ୍ତି, ଶିକ୍ଷାର ମାନ ବୃଦ୍ଧି ପାଇଁ ମଧ୍ୟ ସରକାର ପଦକ୍ଷେପ ନେଉଛନ୍ତି। ଏଥିପାଇଁ ଉଚ୍ଚବିଦ୍ୟାଳୟଗୁଡ଼ିକର ସୂଚନା ଓ ପ୍ରଯୁକ୍ତିବିଦ୍ୟା ସମ୍ପର୍କିତ ପାଠ୍ୟକ୍ରମ ପ୍ରଚଳନ ହେବ ବୋଲି ମନ୍ତ୍ରୀ କହିଛନ୍ତି।

## ଡାଏରୀ ପ୍ଲାଣ୍ଟକୁ ଉଦ୍‌ଘାଟନ

ଗୋପାଳନ ମାଧ୍ୟମରେ କୃଷି ଅର୍ଥନୀତିକୁ ସୁଦୃଢ଼ କରାଯାଇପାରିବ ବୋଲି ମନ୍ତ୍ରୀ ଗୋକୁଳାନନ୍ଦ ମଲ୍ଲିକ କହିଛନ୍ତି। **ସୁବର୍ଣ୍ଣପୁର** ଜିଲ୍ଲାର କଳାପଥରଠାରେ

ଏକ ନୂତନ ଡାଏରୀ ପ୍ଲାଣ୍ଟକୁ ଉଦ୍‌ଘାଟନ କରିବା ଅବସରରେ ଗୋପାଳନ ଓ ପ୍ରାଣୀସମ୍ପଦର ବିକାଶ ପାଇଁ ଯତ୍ନବାନ୍ ହେବାକୁ ଶ୍ରୀ ମଲ୍ଲିକ୍ ଚାଷୀମାନଙ୍କୁ ଆହ୍ୱାନ ଦେଇଛନ୍ତି। ମୋଟ୍ ୧୪ କୋଟି ୬୩ ଲକ୍ଷ ଟଙ୍କା ବ୍ୟୟ ଅଟକଳରେ ନିର୍ମିତ ଏହି ପ୍ଲାଣ୍ଟରେ ଦୈନିକ ୫୦ ହଜାର ଲିଟର କ୍ଷୀରର ପ୍ରକ୍ରିୟାକରଣ କ୍ଷମତା ରହିଛି। ସୁବର୍ଣ୍ଣପୁର ସମେତ ବୌଦ୍ଧ, ଫୁଲବାଣୀ ଜିଲ୍ଲାର ଦୁଗ୍ଧଚାଷୀମାନେ ଏହାଦ୍ୱାରା ଉପକୃତ ହୋଇପାରିବେ।

## ଶ୍ରୀମନ୍ଦିର - ରତ୍ନଭଣ୍ଡାର ସର୍ଭେ

ଭାରତୀୟ ପ୍ରତ୍ନତାତ୍ତ୍ୱିକ ସର୍ବେକ୍ଷଣ ସଂସ୍ଥା-ଏ.ଏସ୍.ଆଇ ପକ୍ଷରୁ ପୁରୀ ଶ୍ରୀମନ୍ଦିର ରତ୍ନଭଣ୍ଡାରର ବୈଷୟିକ ସର୍ବେକ୍ଷଣ କାର୍ଯ୍ୟ ଶେଷ ହୋଇଛି। ରାଜ୍ୟ ସରକାରଙ୍କ ଦ୍ୱାରା ଅନୁମୋଦିତ ମାର୍ଗଦର୍ଶିକା ଅନୁସାରେ, ସର୍ବେକ୍ଷଣ କାର୍ଯ୍ୟ ହୋଇଥିଲା। ସର୍ବେକ୍ଷଣ ଶେଷ ହେବା ପରେ ମୁଖ୍ୟ ପ୍ରଶାସକ ଅରବିନ୍ଦ ପାଢ଼ୀ କହିଛନ୍ତି, ସର୍ବେକ୍ଷଣ ନେଇ ୧୦ ଦିନ ମଧ୍ୟରେ ଚୂଡ଼ାନ୍ତ ରିପୋର୍ଟ ଆସିବ। ଏହାପରେ ପରବର୍ତ୍ତୀ ପଦକ୍ଷେପ ଗ୍ରହଣ କରାଯିବ।

ସର୍ବେକ୍ଷଣ ସମୟରେ ଶ୍ରୀଜୀଉଙ୍କ ସର୍ବସାଧାରଣ ଦର୍ଶନ ବନ୍ଦ ରହିଥିଲା। ଅପରପକ୍ଷରେ, ଆସନ୍ତା ୨୪ ତାରିଖରୁ ଶ୍ରୀମନ୍ଦିରରେ ଶାରଦୀୟ ଦୁର୍ଗାପୂଜା ପାଇଁ ଷୋଡଶ ଉପଚାର ପୂଜା ଆରମ୍ଭ ହେବ। ଏଥିପାଇଁ ସ୍ୱତନ୍ତ୍ର ନୀତିକାନ୍ତି ଅନୁଷ୍ଠିତ ହେବ।

# ଜିଲ୍ଲାପାଳ ସମ୍ମିଳନୀ

ଭୁବନେଶ୍ୱର ଲୋକସେବା ଭବନରେ ଆସନ୍ତା ୨୭ ତାରିଖରେ ଜିଲ୍ଲାପାଳମାନଙ୍କ ସମ୍ମିଳନୀ ଅନୁଷ୍ଠିତ ହେବ। ରାଜ୍ୟରେ ନୂଆ ସରକାର

ଆସିବା ପରେ ପ୍ରଥମ ଥର ପାଇଁ ଏହି ସମ୍ମିଳନୀ ହେବାକୁ ଯାଉଛି। ଏଥିରେ ୩୦ଟି ଜିଲ୍ଲାର ଜିଲ୍ଲାପାଳ, ସମସ୍ତ ବିଭାଗର ପ୍ରମୁଖ ଶାସନ ସଚିବ ଏବଂ କମିଶନର ତଥା ଶାସନ ସଚିବ ମାନେ ଉପସ୍ଥିତ ରହିବେ। ଏଥିସହିତ ବିଭାଗର ସ୍ୱତନ୍ତ୍ର ଶାସନ ସଚିବ, ଅତିରିକ୍ତ ଶାସନ ସଚିବ ଓ ନିର୍ଦ୍ଦେଶକମାନେ ମଧ୍ୟ ସାମିଲ ହେବାକୁ କୁହାଯାଇଛି। ଏଥିରେ ମୁଖ୍ୟମନ୍ତ୍ରୀ ଏବଂ ଦୁଇଜଣ ଉପମୁଖ୍ୟମନ୍ତ୍ରୀ ଯୋଗଦେବେ ବୋଲି ସୂଚନା ମିଳିଛି।

## ପରାମର୍ଶଦାତା କମିଟି ବୈଠକ

**ରାୟଗଡ଼ା** ଜିଲ୍ଲା ସଦ୍‌ଭାବନା ସମ୍ମିଳନୀ କକ୍ଷରେ ଜିଲ୍ଲା ପରାମର୍ଶଦାତା କମିଟି ବୈଠକ ଅନୁଷ୍ଠିତ ହୋଇଯାଇଛି। ଜିଲ୍ଲାପାଳ ପାରୁଲ ପଟୱାରୀଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ବୈଠକରେ ଲିଙ୍ଗଗତ ବୈଷମ୍ୟତାକୁ ନେଇ ଆଲୋଚନା ହୋଇଥିଲା। ଏହାସହ ଲିଙ୍ଗ ନିରୂପଣ ନିଷେଧ ଆଇନ୍‌ର କାର୍ଯ୍ୟାନ୍ୱୟନ ଉପରେ ଚର୍ଚ୍ଚା ହୋଇଥିଲା। ଏହି କାର୍ଯ୍ୟକ୍ରମରେ ଜିଲ୍ଲା ମୁଖ୍ୟ ଚିକିତ୍ସା ତଥା ଜନସ୍ୱାସ୍ଥ୍ୟ ଅଧିକାରୀଙ୍କ ସମେତ ବିଭାଗୀୟ ଅଧିକାରୀମାନେ ଉପସ୍ଥିତ ଥିଲେ।

## ସ୍ୱଚ୍ଛତା ହିଁ ସେବା

ପୂର୍ବତଟ ରେଳପଥ ପକ୍ଷରୁ ଆଜି ‘ସ୍ୱଚ୍ଛତା ହିଁ ସେବା’ ଅଭିଯାନ ପାଳିତ ହୋଇଯାଇଛି। ଏହି ଅବସରରେ ସାଇକେଲ ଯାତ୍ରା ଏବଂ ଚାରାରୋପଣ ଆଦି କରାଯିବା ସହ ରେଳ କଲୋନୀଠାରୁ ରେଳ ଷ୍ଟାଡିୟମ୍ ପର୍ଯ୍ୟନ୍ତ ପରିବେଶ ସ୍ୱଚ୍ଛତା ପ୍ରତି ସଚେତନତା ସୃଷ୍ଟି କରିବା ପାଇଁ ପଦଯାତ୍ରା କରାଯାଇଥିଲା। ଏଥିରେ ମହାପ୍ରବନ୍ଧକ ଫୁକ୍‌ୱାଲ୍‌ଙ୍କ ସମେତ ବିଭାଗର ପ୍ରମୁଖ ଅଧିକାରୀମାନେ ଚାରାରୋପଣ କରିଥିଲେ।

## ପୁସ୍ତକ ଉନ୍ମୋଚନ

ମାନବିକ ଅଧିକାର ଓ ପରିବେଶ ମଧ୍ୟରେ ନିହିତ ନିବିଡ଼ ସମ୍ପର୍କ ହିଁ ଆଜିର ବୈଶ୍ୱିକ ପରିସରକୁ ଜୀବନ ଓ ଜୀବିକା ପାଇଁ ଅନୁକୂଳ କରିପାରିବ। ନାଗରିକ ମାନବିକ ଅଧିକାର କ୍ଲିନିକ୍‌ର ଓଡ଼ିଶା ଆନୁକୂଲ୍ୟରେ ବାଲେଶ୍ୱରର ଉଦ୍ୟୋଗ ଭବନରେ ଆୟୋଜିତ ଦ୍ୱାଦଶ ମାନବାଧିକାର ସମ୍ମିଳନୀ ତଥା ପୁରସ୍କାର ବିତରଣ ଉତ୍ସବରେ ବିଶିଷ୍ଟ ଅତିଥିମାନେ ଏହି ମତ ପୋଷଣ କରିଛନ୍ତି। ଫକୀର ମୋହନ ବିଶ୍ୱବିଦ୍ୟାଳୟର କୁଳପତି ପ୍ରଫେସର ଡକ୍ଟର ଅନୀଲ କୁମାର ମହାପାତ୍ର ଏହି କାର୍ଯ୍ୟକ୍ରମକୁ ଉଦ୍‌ଘାଟନ କରିଥିଲେ। ଏଥିରେ ଭୁବନେଶ୍ୱରର ଆନ୍ତର୍ଜାତିକ ଗୀତାମିଶନ୍‌ର ସଭାପତି ଡକ୍ଟର ସ୍ୱାମୀ ଚିଦାନନ୍ଦ ମହାରାଜ୍ ମୁଖ୍ୟଅତିଥି ଭାବେ  ଯୋଗଦେଇ ମାନବାଧିକାର ଓ ପରିବେଶ ଉପରେ ଆଲୋଚନା କରିଥିଲେ। ସଂସ୍ଥାର ଅଧ୍ୟକ୍ଷ ଅବସରପ୍ରାପ୍ତ ଆଇ.ପି.ଏସ୍. ଗୋପବନ୍ଧୁ ମଲ୍ଲିକ୍‌ଙ୍କ ଅଧ୍ୟକ୍ଷତାରେ ଆୟୋଜିତ ଏହି ସମାରୋହରେ, ଔପନ୍ୟାସିକା ରଶ୍ମୀ ରାଉତଙ୍କ ଓଡ଼ିଶା ସାହିତ୍ୟ ଏକାଡେମୀ ପୁରସ୍କାରପ୍ରାପ୍ତ ଉପନ୍ୟାସ 'ଏଠି ଗୋଟେ ଗାଁ ଥିଲା'ର ଇଂରାଜୀ ସଂସ୍କରଣ My Lost Village ଉନ୍ମୋଚିତ ହୋଇଥିଲା।  ଅବସରପ୍ରାପ୍ତ ବରିଷ୍ଠ ଇଂରାଜୀ ପ୍ରାଧ୍ୟାପକ-ଶୁଭେନ୍ଦୁ ମହାନ୍ତି ଏହାର ଅନୁବାଦ କରିଛନ୍ତି।

## ପ୍ରତ୍ୟାଶା-ଏକଲବ୍ୟ

ସନ୍ତରଣକାରୀ ପ୍ରତ୍ୟାଶା ରାୟ ୨୦୨୪ ମସିହା ପାଇଁ ଏକଲବ୍ୟ ପୁରସ୍କାର ପାଇବା ଲାଗି ମନୋନିତ ହୋଇଛନ୍ତି। ପୁରସ୍କାର ବାବଦରେ ତାଙ୍କୁ ୭ ଲକ୍ଷ ଟଙ୍କା ଓ ମାନପତ୍ର ପ୍ରଦାନ କରାଯିବ। ସୂଚନାଯୋଗ୍ୟ, ପୂର୍ବରୁ ଏହି ପୁରସ୍କାର ରାଶି ୫ ଲକ୍ଷ ଟଙ୍କା ଥିଲା। ଏଥିସହ ବ୍ୟାଡମିଣ୍ଟନ ଖେଳାଳି ତନ୍ୱି ପତ୍ରୀ ଏବଂ ଧାବକ ଡି.ଏମ୍. ଜୟରାମଙ୍କୁ ସମ୍ବର୍ଦ୍ଧିତ କରାଯିବ।

# ପିଏମ୍-ଗଣ୍ଡା ଦିବସ

ଗଣ୍ଡାମାନଙ୍କ ସୁରକ୍ଷାକୁ ନେଇ ସଚେତନତା ସୃଷ୍ଟି ଉଦ୍ଦେଶ୍ୟରେ ଆଜି ବିଶ୍ୱ ଗଣ୍ଡା ଦିବସ ପାଳିତ ହେଉଛି। ଏହି ଉପଲକ୍ଷେ  ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀ  ଗଣ୍ଡାମାନଙ୍କ ସୁରକ୍ଷା ସମ୍ପର୍କରେ ଭାରତର ପ୍ରତିବଦ୍ଧତାକୁ ଦୋହରାଇଛନ୍ତି । ଏକ ସାମାଜିକ ଗଣମାଧ୍ୟମ ପୋଷ୍ଟ ଜରିଆରେ ଶ୍ରୀ ମୋଦୀ ଦୀର୍ଘବର୍ଷ ହେଲା ଗଣ୍ଡା ସଂରକ୍ଷଣ ଓ ରକ୍ଷଣାବେକ୍ଷଣରେ ନିଯୁକ୍ତ ସମସ୍ତ କର୍ମଚାରୀମାନଙ୍କୁ ଅଭିନନ୍ଦନ ଜଣାଇଛନ୍ତି । ଭାରତ ହେଉଛି ଏକ ଶିଙ୍ଘିଆ ଗଣ୍ଡାର ଆବାସସ୍ଥଳ ଅତ୍ୟନ୍ତ ଗର୍ବର ବିଷୟ  ବୋଲି ସେ କହିଛନ୍ତି। ଅତୀତରେ ଆସାମ ଗସ୍ତ ଅବସରରେ କାଜିରଙ୍ଗା ଜାତୀୟ ଉଦ୍ୟାନ ଭ୍ରମଣକୁ ମନେପକାଇ ଶ୍ରୀ ମୋଦୀ ଜନସାଧାରଣଙ୍କୁ ସେଠାକୁ ବୁଲିଯିବାକୁ ପରାମର୍ଶ ଦେଇଛନ୍ତି।

# ପାଣିପାଗ

ପଶ୍ଚିମ-କେନ୍ଦ୍ରୀୟ ବଙ୍ଗୋପସାଗରରେ ଘୂର୍ଣ୍ଣିବଳୟ ସୃଷ୍ଟି ହୋଇଛି । ଏହା ପଶ୍ଚିମ-ଉତ୍ତର-ପଶ୍ଚିମ ଦିଗରେ ଗତି କରୁଛି । ଘୂର୍ଣ୍ଣିବଳୟ ଅଧିକ ଘନୀଭୂତ ହୋଇ ଆସନ୍ତା ୨୪ ଘଣ୍ଟା ମଧ୍ୟରେ ଲଘୁଚାପରେ ପରିଣତ ହେବାର ସମ୍ଭାବନା ରହିଛି । ଭୁବନେଶ୍ୱର ଆଞ୍ଚଳିକ ପାଣିପାଗ ବିଜ୍ଞାନ କେନ୍ଦ୍ରର ସୂଚନା ଅନୁସାରେ ଏହାର ପ୍ରଭାବରେ ରାଜ୍ୟରେ ବର୍ଷାର ପରିମାଣ ବୃଦ୍ଧି ପାଇବ । ଆସନ୍ତା ୨୪ ଘଣ୍ଟା ମଧ୍ୟରେ ଘଡ଼ଘଡ଼ି ସହ ବର୍ଷା ହେବା ନେଇ ୧୭ଟି ଜିଲ୍ଲାକୁ ସତର୍କ ସୂଚନା ଜାରି କରାଯାଇଛି ।

******************************